# NATIONAL NEWS BULLETIN (ODIA)
## 07th June - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ନୂତନ ସରକାର ଗଠନ ପାଇଁ ଏନ୍.ଡି.ଏ. ନେତାମାନେ ରାଷ୍ଟ୍ରପତିଙ୍କୁ କଲେ ଅନୁରୋଧ ।

— ଆସନ୍ତା ରବିବାର ତୃତୀୟ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ନରେନ୍ଦ୍ର ମୋଦି ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଅପରିବର୍ତ୍ତିତ ରଖିଲେ ରେପୋ ରେଟ୍ ।

- ଅଷ୍ଟାଦଶ ମୁମ୍ବାଇ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆସନ୍ତା ୧୫ ତାରିଖରୁ ଅନୁଷ୍ଠିତ ହେବ ।

ଏବଂ

- ନିଉୟର୍କର ନାଶାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଆଜି ରାତିରେ କାନାଡା ଓ ଆୟାରଲ୍ୟାଣ୍ଡ ମଧ୍ୟରେ ହେବ ମୁକାବିଲା ।

# ଏନ୍.ଡି.ଏ. ମିଟିଂ

ବରିଷ୍ଠ ବି.ଜେ.ପି. ନେତା ନରେନ୍ଦ୍ର ମୋଦି ଆସନ୍ତା ରବିବାର ଦିନ ତୃତୀୟ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ । ରାଷ୍ଟ୍ରପତି ଭବନରେ ସନ୍ଧ୍ୟା ୬ଟା ସମୟରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ – ଏନ୍.ଡି.ଏ.ର ସଂସଦୀୟ ଦଳର ବୈଠକରେ ଆଜି କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଜି ଏହି ସୂଚନା ଦେଇଛନ୍ତି । ଶ୍ରୀ ମୋଦି ଏବଂ ତାଙ୍କର ନୂତନ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଏନ୍.ଡି.ଏ.ର ନେତାମାନେ ଆଜି ରାଷ୍ଟ୍ରପତିଙ୍କୁ ଭେଟି ନୂତନ ସରକାର ଗଠନ ପାଇଁ ଅନୁରୋଧ କରିଛନ୍ତି । ପୂର୍ବରୁ ଏନ୍.ଡି.ଏ.ର ସଂସଦୀୟ ଦଳ ବୈଠକରେ ନରେନ୍ଦ୍ର ମୋଦିଙ୍କୁ ସର୍ବସମ୍ମତିକ୍ରମେ ଏହାର ନେତା ଭାବେ ମନୋନୀତ କରାଯାଇଥିଲା । ପୁରୁଣା ସଂସଦ ଭବନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ବୈଠକରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏନ୍‌ଡିଏ ସଂସଦୀୟ ଦଳର ନେତା ଭାବେ ନରେନ୍ଦ୍ର ମୋଦୀଙ୍କ ନାମ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ

ଏନ୍.ଡି.ଏ.ର ସମସ୍ତ ସହଯୋଗୀ ଦଳ ସମର୍ଥନ କରିଛନ୍ତି । ଲୋକସଭା ତଥା ସଂସଦୀୟ ଦଳର ନେତା ଭାବେ ଶ୍ରୀ ମୋଦି ମନୋନୀତ ହୋଇଛନ୍ତି ।

ଶ୍ରୀ ମୋଦୀଙ୍କ ନାମ ପ୍ରସ୍ତାବ ଦେଇ ବିଜେପିର ବରିଷ୍ଠ ନେତା ରାଜନାଥ ସିଂ କହିଛନ୍ତି, ଏହି ପଦ ପାଇଁ ଶ୍ରୀ ମୋଦି ସବୁଠାରୁ ଉପଯୁକ୍ତ ବ୍ୟକ୍ତି । ପ୍ରସ୍ତାବକୁ ସମର୍ଥନ କରି କେନ୍ଦ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏନ୍.ଡି.ଏ. କେବଳ ମେଣ୍ଟ ଦଳଗୁଡ଼ିକର ନୁହେଁ; ବରଂ ୧୪୦ କୋଟି ଭାରତୀୟଙ୍କ ବିଶ୍ୱାସର ପ୍ରତୀକ ।

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଭାରତକୁ ଏକ ସମୃଦ୍ଧ ମହାଶକ୍ତିରେ ପରିଣତ କରିବା ଲାଗି ଶ୍ରୀ ମୋଦୀ ସଂପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି ବୋଲି କହିଛନ୍ତି ।

ତେଲୁଗୁ ଦେଶମ୍ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଗତ ୧୦ବର୍ଷରେ ଏନଡିଏ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଫଳରେ ଦେଶରେ ଉଲ୍ଲେଖନୀୟ ପ୍ରଗତି ଓ ପରିବର୍ତ୍ତନ ଘଟିଛି । ଶ୍ରୀ ମୋଦୀଙ୍କୁ ସମର୍ଥନ ଜଣାଇ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତିଶ କୁମାର କହିଛନ୍ତି, ଆମେ ସମସ୍ତେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକାଠି କାମ କରିବାର ସୁଯୋଗ ପାଇଛୁ । ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଲୋକସଭା ନିର୍ବାଚନ ସମେତ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବିଜେପିକୁ ମିଳିଥିବା ସଫଳତା ପ୍ରଶଂସନୀୟ ବୋଲି କହିଛନ୍ତି ।

ଏନ୍‌ଡିଏ ସଂସଦୀୟ ଦଳର ନେତା ମନୋନୀତ ହେବା ପରେ ଶ୍ରୀ ମୋଦୀ ମେଣ୍ଟର ସହଯୋଗୀ ଦଳମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଶ୍ରୀ ମୋଦୀ ଆସନ୍ତା ୧୦ବର୍ଷରେ ଭାରତରେ ବିକାଶର ନୂଆ ଅଧ୍ୟାୟ ଲେଖାଯିବ ବୋଲି କହିଛନ୍ତି । ସଂସଦରେ ସମସ୍ତ ଦଳର ସାଂସଦ ତାଙ୍କ ପାଇଁ ସମାନ ଏବଂ ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ନାହିଁ ବୋଲି ଶ୍ରୀ ମୋଦୀ ତାଙ୍କ ସମ୍ବୋଧନରେ କହିଛନ୍ତି ।

ଓଡ଼ିଶା ସଂପର୍କରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ । ଏନ୍.ଡି.ଏ. ଆଜି ୨୨ଟି ରାଜ୍ୟରେ ସରକାର ଗଠନ କରିବାର ସୁଯୋଗ ପାଇଛି ଏବଂ ଏନ୍.ଡି.ଏ. ମହାମେଣ୍ଟ ହେଉଛି ଭାରତର ଆତ୍ମାର ପ୍ରତିବିମ୍ବ ବୋଲି ଶ୍ରୀ ମୋଦି କହିଛନ୍ତି । ସେହିପରି ଆଦିବାସୀ ବହୁଳ ୧୦ଟି ରାଜ୍ୟରୁ ୭ଟି ରାଜ୍ୟରେ ଏନ୍.ଡି.ଏ. ସରକାର ଗଠନ କରିଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ଆଜିର ଏହି ବୈଠକରେ ଶ୍ରୀ ମୋଦୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ୍, ଅନୁରାଗ ସିଂ ଠାକୁର, ଏଲ୍‌ଜେପି-ରାମବିଳାସ ଦଳର ମୁଖ୍ୟ ଚିରାଗ ପାଶ୍ୱାନ, ଏନ୍‌ସିପି ନେତା ଅଜିତ ପାୱାର, ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧୁରୀ, ଜନସେନା ମୁଖ୍ୟ ପୱନ କଲ୍ୟାଣ, ଅପ୍‌ନା ଦଳ-ଏସ୍ ର ନେତ୍ରୀ

ଅନୁପ୍ରିୟା ପଟେଲ, ଜେଡିଏସ୍ ନେତା ଏଚ୍.ଡି. କୁମାର ସ୍ୱାମୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚାର ସଂସଦୀୟ ଦଳ ଏନ୍.ଡି.ଏ.ର ନେତା ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ସମର୍ଥନ କରିଛି ।

## ପି.ଏମ୍. - ମିଟିଂ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.ର ନୂତନ ନେତା ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହେବା ପରେ ବି.ଜେ.ପି.ର ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜି ବି.ଜେ.ପି.ର ବୟୋଜ୍ୟେଷ୍ଠ ନେତା ଲାଲ୍‌କୃଷ୍ଣ ଆଡ୍‌ୱାନି ଏବଂ ମୁରଲୀ ମନୋହର ଯୋଶୀଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି । ଶ୍ରୀ ମୋଦି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମଧ୍ୟ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ସାକ୍ଷାତ୍ କରିଛନ୍ତି ।

## ଆର୍.ବି.ଆଇ. - ରେପୋ

ରିଜର୍ଭ ବ୍ୟାଙ୍କ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ରେପୋ ରେଟ୍ ପୂର୍ବ ଭଳି ୬ ଦଶମିକ ୫ ପ୍ରତିଶତ ରଖାଯାଇଛି । କ୍ରମାଗତ ଭାବେ ଅଷ୍ଟମଥର ଲାଗି ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଏହାଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶମିକ ୨/୫ ପ୍ରତିଶତ ଏବଂ ଋଣ ସୁବିଧା ଦର ତଥା ବ୍ୟାଙ୍କ ଦର ୧୦ ଦଶମିକ ୭/୫ ପ୍ରତିଶତ ରଖାଯାଇଛି । ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି  ଚଳିତଥର ଦୁଇଜଣ ବଦଳରେ ୪ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦେଇଛି । ଏହି ବୈଠକ ଜୁନ୍ ୫ରୁ ଆରମ୍ଭ ହୋଇଥିଲା ।

## ଆର୍.ବି.ଆଇ. ଗଭର୍ଣ୍ଣର୍

ଅନ୍‌ଲାଇନ୍‌ରେ ଠକେଇ ରୋକିବାପାଇଁ ରିଜର୍ଭ ବ୍ୟାଙ୍କ୍ ।ପକ୍ଷରୁ ନୂତନ ବ୍ୟବସ୍ଥା ଲାଗୁ କରାଯିବ । ଏଥିପାଇଁ ଡିଜିଟାଲ୍ ନେଣଦେଣ ଇଣ୍ଟେଲିଜେନ୍ସ ପ୍ଲାଟ୍‌ଫର୍ମ ସୃଷ୍ଟି କରିବ ବୋଲି ଆର୍.ବି.ଆଇ. କହିଛି । ବିଶେଷକରି

ଅନ୍‌ଲାଇନ୍ ଠକେଇ ରୋକିବା ସହିତ ଡିଜିଟାଲ୍ ନେଣଦେଣ ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବାରେ ଏହି ପ୍ଲାଟ୍‌ଫର୍ମ ପ୍ରଭାବଶାଳୀ ସାବ୍ୟସ୍ତ ହେବ । ଆର୍.ବି.ଆଇ. ଏନେଇ ଏକ କମିଟି ଗଠନ କରିଛି । ବିଭିନ୍ନ ଦିଗକୁ ବିଚାର କରିବା ପରେ ଏହି କମିଟି କାର୍ଯ୍ୟ କରିବ । ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରାନୀତି କମିଟିର ବୈଠକ ପରେ ଆର୍.ବି.ଆଇ. ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି ଘୋଷଣା କରିଛନ୍ତି ।

## ନୀଟ୍ - ରିଆକ୍ସନ୍

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ୍‌ଗେ ଚଳିତ ବର୍ଷ ନୀଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏହାର ତଦନ୍ତ ଉଚ୍ଚତମ ନ୍ୟାୟାଳୟର ତତ୍ତ୍ୱାବଧାନରେ ହେବା ଉଚିତ । ଏଥିପାଇଁ ସେ ସରକାରଙ୍କୁ ଦାୟୀ କରିଛନ୍ତି ।

## ଷ୍ଟେଟ୍ ଆସେମ୍ବ୍ଲି ନୋଟିଫିକେସନ୍

ତାମିଲ୍‌ନାଡୁର ବିଧାନସଭାର ଏକ ଅଧିବେଶନ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ । ଏ ସଂକ୍ରାନ୍ତରେ ବିଧାନସଭା ସଚିବାଳୟ ପକ୍ଷରୁ

ସୂଚନା ଦିଆଯାଇଛି । ଅଧିବେଶନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ । ଏହି ଅଧିବେଶନରେ କାର୍ଯ୍ୟଦିବସଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।

## ୱାଇଲ୍‌ଡ୍ ଲାଇଫ୍ - ବାୟୋଲୋଜିଷ୍ଟ

ଦେଶର ଜଣେ ବିଶିଷ୍ଟ ଜୀବବିଜ୍ଞାନୀ ତଥା ବନ୍ୟ ଜୀବ ସଂରକ୍ଷଣ କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିବା ଏ.ଜେ.ଟି. ଜନ୍‌ସିଂହଙ୍କର ଆଜି ବେଙ୍ଗାଲୁରୁଠାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଜଣାଶୁଣା ଜୀବବିଜ୍ଞାନୀ ସ୍ୱର୍ଗତ ଜନ୍‌ସିଂହ ୧୯୭୦ ମସିହାରେ ଶିବକାସୀରେ ପ୍ରାଣୀବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ବିଶେଷକରି ୧୯୮୦ ମସିହା ପ୍ରାରମ୍ଭରେ ହାତୀ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ସରକାରଙ୍କୁ 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ୍' କରିବାରେ ସହାୟକ ହୋଇଥିଲା ।

## ମୁମ୍ବାଇ ଫେଷ୍ଟିଭାଲ୍

ଅଷ୍ଟାଦଶ ମୁମ୍ବାଇ ଆର୍ନ୍ତାତିକ ଚଳଚ୍ଚିତ୍ର ଉତ୍ସବ - ଏମ୍.ଆଇ.ଏଫ୍.ଏଫ୍. ଆସନ୍ତା ୧୫ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଞ୍ଜୟ ଯାଜୁ ସୂଚନା ଦେଇ କହିଛନ୍ତି, ଏହି ଅବସରରେ ଦିଲ୍ଲୀ, ଚେନ୍ନାଇ, ପୁଣେ ଓ କୋଲ୍‌କାତାରେ ମଧ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଏଥିରେ ଅଣଷଠିଟି ଦେଶର ୩୧୪ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ । ଏହି ଚଳଚ୍ଚିତ୍ର ଉତ୍ସବର ଶୀର୍ଷକ ହେଉଛି 'ଭାରତର ଅମ୍ରିତ୍‌କାଳ୍' । ଜାପାନ, ରୁଷ୍, ବେଲାରୁଷ୍, ଇରାନ୍, ଇଟାଲୀ, ଭିଏତ୍‌ନାମ୍ ଓ ମାଲିର ମୋଟ୍ ୧୭ଟି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଚଳିତ ମାସାରେ ପ୍ରଥମ ଥରପାଇଁ ଏମ୍.ଆଇ.ଏଫ୍.ଏଫ୍.କୁ ୨୦ରୁ ଅଧିକ ଶିଳ୍ପଗୋଷ୍ଠୀର ସହଯୋଗ ମିଳିଛି ।

## ବାଙ୍ଗଲାଦେଶ-ୟୁଏନ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମ୍ୟାଁମାରରେ ବୃଦ୍ଧି ପାଉଥିବା ସଂଘର୍ଷକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଜାତିସଂଘ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି ମ୍ୟାଁମାରରେ ବୃଦ୍ଧି ପାଉଥିବା ହିଂସାତ୍ମକ

ଘଟଣାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି । ମ୍ୟାଁମାର ସେନାର ଆକ୍ରମଣ ଯୋଗୁଁ ବିଭିନ୍ନ ଅଞ୍ଚଳରେ ଅନେକ ନାଗରିକଙ୍କ ମୃତ୍ୟୁ ପରେ ଜାତିସଂଘ ପକ୍ଷରୁ ଏଭଳି କୁହାଯାଇଛି ।

୨୦୨୧ରେ ଶାସନ ଭାର ଅକ୍ତିଆର କରିବା ପରେ ମ୍ୟାଁମାର ସେନା ଦେଶ ଭିତରେ ନିୟନ୍ତ୍ରଣ ହାସଲ କରିବା ଲାଗି ନିରନ୍ତର ପ୍ରୟାସ କରୁଛି । ଶ୍ରୀ ଗୁଟେରସ୍ ମାନବାଧିକାର ଉଲ୍ଲଂଘନ ଏବଂ ଅଚାନକ ଆକ୍ରମଣ ଘଟଣାରେ ସାଧାରଣ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ଟି.- ଟ୍ୱେଣ୍ଟି

ନିଉୟର୍କର ନାଶାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଆଜି ରାତିରେ କାନାଡା ଓ ଆୟାରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଗତକାଲି ଆୟୋଜକ ଆମେରିକା ପାକିସ୍ତାନକୁ ସୁପର୍ ଓଭରରେ ୫ ରନ୍‌ରେ ପରାସ୍ତ କରିଛି ।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବାର୍ବାଡୋଜ୍‌ର ବ୍ରିଜ୍‌ଟାଉନ୍‌ସ୍ଥିତ କ୍ୟାସିଂଟନ୍ ଓଭାଲ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ' ନାମିବିଆକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା ।

*****